## ସଂକ୍ଷେପରେ

### ଡାକ୍ତରଖାନା ବାରଣ୍ଡାରେ ଅସହାୟା ମହିଳା

ବଡ଼ଅଁରପାଳ, ୧୮।୮ (ଡି.ଏନ୍.ଏ)- ନାଲ୍କୋ ଡାକ୍ତରଖାନା ବାରଣ୍ଡାରେ ୨ ଦିନ ହେଲା ଜଣେ ମହିଳା ଛଟପଟ ହେଉଥିବା ଦେଖିବାକୁ ମିଳିଛି। ମହିଳା ଜଣକ ନିଜ ନାଁ କହିପାରୁ ନ ଥିବାବେଳେ ବ୍ରହ୍ମପୁରରୁ ନାଲ୍କୋ ଅଞ୍ଚଳକୁ ପଳାଇ ଆସିଥିବା ଜଣାପଡିଛି। ତାଙ୍କ ସହ କୌଣସି ସମ୍ପର୍କୀୟ ଆସି ନ ଥିବା ସେ କହୁଛନ୍ତି। ତାଙ୍କର ଚିକିତ୍ସା କରାଯାଇ ନ ଥିବାରୁ ଅସୁସ୍ଥତାର କାରଣ ଜଣାପଡିନାହିଁ। ସେ ଜଣେ ମାନସିକ ବିକୃତ ବୋଲି ଆଲୋଚନା ହେଉଛି।

### ଦୁର୍ଘଟଣାରେ କନଷ୍ଟେବଳ ଗୁରୁତର

ବନ୍ତଲା,୧୮।୮(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନାର କନଷ୍ଟେବଳ ପ୍ରଦ୍ୟୁମ୍ନ କୁମାର ପାତ୍ର ଶନିବାର ରାତିରେ ଖାଲଙ୍ଗା ନିକଟରେ ଏକ ଅଟୋ ଧକ୍କାରେ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେ ବାଇକରେ ଖୃଣ୍ଡାରୁ ଥାନାକୁ ଫେରୁଥିବା ସମୟରେ ଏକ ଅଟୋ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଟିକିରା ନଦୀରେ ଭାସୁଛି ମୃତଦେହ

କଣିହାଁ,୧୮।୮(ଡି.ଏନ.ଏ.)- କଣିହାଁ ଥାନା ଅଞ୍ଚଳ ଟିକିରା ନଦୀ ପଠାରେ ଏକ ଗଳିତ ମୃତଦେହ ରବିବାର ଭାସୁଥିବା ଦେଖିବାକୁ ମିଳିଛି। ଏହି ଘଟଣା ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡରୁ ବନ୍ୟାପାଣିରେ ମୃତଦେହ ଭାସି ଯାଉଆସିଥିବା ଆଲୋଚନା ହେଉଛି। ଖବର ଲେଖା ହେବା ସୁଦ୍ଧା ମୃତଦେହ ଉଦ୍ଧାର କରାଯାଇନାହିଁ। ଏ ନେଇ କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଅଭିଯୋଗ ହୋଇନାହିଁ। ଖବରପାଇ ପୋଲିସ ଟିମ୍ ଯାଇଥିବାବେଳେ ମୃତଦେହ ପାଇ ପାରି ନାହାନ୍ତି। ଏନ୍‌ଟିପିସି ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ମହାପାତ୍ର କହିଛନ୍ତି, ମୃତଦେହ ମିଳିଲେ ଉଦ୍ଧାର କରାଯିବ।

### କେନ୍ଦୁପତ୍ର ଜବତ, ୨ ଗିରଫ

ବଇଣ୍ଡା,୧୮।୮(ଡି.ଏନ.ଏ.) ଆଠମଲିକ ବ୍ଲକ ଠାକୁରଗଡ଼ ଥାନା ମିଣ୍ଡୋଲ ଗ୍ରାମରେ ରବିବାର ଧଣ୍ଡାତୋପା ବନ ବିଭାଗ କର୍ମଚାରୀ ଚଢ଼ାଉ କରି ଏକ ଚୋରା କେନ୍ଦୁପତ୍ର ବୋଝେଇ ଟାଟାଏସିଇ ଜବତ କରିଛନ୍ତି। ସେଥିରୁ ୧୦ କୁଇଣ୍ଟାଲ କେନ୍ଦୁପତ୍ର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଥିସହ ଗାଡ଼ିର ଡ୍ରାଇଭର ଆଠମଲ୍ଲିକ ଥାନା ଟାଇଁସର ଗ୍ରାମର ରଞ୍ଜନ ମହାକୁଡ଼ (୨୫) ଓ ତେଲିନଈ ଗ୍ରାମର ବ୍ୟବସାୟୀ କମଳ ପ୍ରଧାନ(୨୨)ଙ୍କୁ ଗିରଫ କରାଯାଇଛି। ଟାଟାଏସିଇ (ନଂ.ଓଡି ୧୯ଏନ୦୬୪୧)ରେ ମାଧପୁରରୁ ଅନୁଗୋଳ ଅଭିମୁଖେ ଚୋରା କେନ୍ଦୁପତ୍ର ବୋଝେଇ ହୋଇ ଯାଉଥିବା ସୂଚନା ମିଳିବା ପରେ ଆଠମଲ୍ଲିକ ଡିଏଫଓ ସମ୍ୟକ ସାମନ୍ତରାଙ୍କ ନିର୍ଦ୍ଦେଶକ୍ରମେ ଧଣ୍ଡାତୋପା ରେଞ୍ଜର ରାହାସ ସାହୁ, ଫରେଷ୍ଟର କିଶୋର ଚନ୍ଦ୍ର ପ୍ରଧାନ, ଫରେଷ୍ଟ ଗାର୍ଡ ଶାନ୍ତନୁ କୁମାର ଦେହୁରୀ, ୱାଚର ପ୍ରଦୀପ କୁମାର ଦେହୁରୀ, ସନ୍ତୋଷ କୁମାର ବାଘ, କମଳ ଲୋଚନ ନାୟକ ପ୍ରମୁଖ ଚଢ଼ାଉ କରିଥିଲେ। ଉଭୟ ଅଭିଯୁକ୍ତଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି।

### ଗୋଳିଆ ପାଣି ଯୋଗାଣ ଅଭିଯୋଗ

ତାଳଚେର, ୧୮।୮(ନି.ପ୍ର.)- ତାଳଚେର ସହରବାସୀଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଛି ଦିନ ହେଲା ଗୋଳିଆ ପାଣି ଯୋଗାଣ କରାଯାଉଥିବା ଅଭିଯୋଗ ହେଉଛି। ବ୍ରାହ୍ମଣୀ ନଦୀ ଜଳ ଉପରେ ସହରବାସୀ ନିର୍ଭର କରୁଥିବାବେଳେ ସହରର ଅମଲାପଡାରେ ବିଭାଗର ପମ୍ପହାଉସ ମାଧମରେ ନଦୀରୁ ପାଣି ଉଠାଯାଇ ସହରକୁ ଯୋଗାଯାଇଥାଏ। ହେଲେ ଗତ କିଛି ଦିବ ହେବ ମାଟି କାଦୁଅ ମିଶା ଗୋଳିଆ ପାଣି ଲୋକଙ୍କୁ ଯୋଗାଣ କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଜେଇ ଜଲେନ୍ଦ୍ର ଦେବତାଙ୍କୁ ଯୋଗାଯୋଗ କରିବାରେ କହିଛନ୍ତି, କେତେକ କାରଣରୁ ଗତ ୨ ଦିନ ହେଲା ଗୋଳିଆ ପାଣି ଯାଉଥିଲା। ଏବେ ଟାଙ୍କି ସଫା କରାଯାଇଛି। ଏଣିକି ସହରବାସୀ ପୂର୍ବଭଳି ସ୍ୱଚ୍ଛ ପାଣି ପାଇବେ ବୋଲି ସେ ପ୍ରକାଶ କରିଥିଲେ।

## ବାଲିପଟା ଗ୍ରାମବାସୀଙ୍କ ଶପଥ

# ନିଯୁକ୍ତି, ଥଇଥାନ ନ ହେଲେ ଛଡାଯିବନି ଜମି


ଗ୍ରାମବାସୀ ବୈଠକରେ କମ୍ପାନୀକୁ ଜମି ନ ଦେବାକୁ ଶପଥ ନେଉଛନ୍ତି।

**କଣିହାଁ, ୧୮।୮(ଡି.ଏନ.ଏ.)**

କଣିହାଁ ବ୍ଲକ କାକୁଡିଆ ପଞ୍ଚାୟତ ବାଲିପଟା ଗ୍ରାମର ୨ ସାହିରେ କୋଇଲା ଖଣି ପ୍ରକଳ୍ପ ପାଇଁ ଏନ୍‌ଟିପିସି ପକ୍ଷରୁ ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି, ଥଇଥାନ ନ ମିଳିଲେ ଖଣି ପାଇଁ ଆଦୌ ଜଗା ଛଡାଯିବନି ବୋଲି ନିଷ୍ପତ୍ତି ନିଆଯାଇଛି। ଏହାକୁ ନେଇ ରବିବାର ଗ୍ରାମର ଭଣେଶ୍ୱରୀ ପୀଠରେ ଏକ ବୈଠକ ବସିଥିଲା। ଏଥିରେ ଗ୍ରାମର ଉପର ସାହି ଓ ତଳ ସାହିର ସଭାପତି ଯୋଗଦେଇ କହିଥିଲେ, ଗ୍ରାମର ଜାଗାକୁ ମନ୍ଦାକିନୀ (ଖ) କୋଇଲା ଖଣି ପ୍ରକଳ୍ପ ଏନ୍‌ଟିପିସି ଲିମିଟେଡ ଅଧିଗ୍ରହଣ କରିବାକୁ ୨୦୧୬ ଏପ୍ରିଲରେ ନୋଟିସ ପ୍ରକାଶ କରିଥିଲା। ଏହି ଜମି ଅଧିଗ୍ରହଣ ହେଲେ କଲ୍ୟାଣପୁର ମୌଜା ସହିତ ବାଲିପଟା ଗ୍ରାମର ଉପର ସାହି ଓ ତଳସାହିର ୨ ଶହରୁ ଊର୍ଦ୍ଧ୍ୱ ପରିବାର ଜମିବାଡି, ଜଙ୍ଗଲ ଓ ବାସଗୃହ ହରାଇବେ ବୋଲି ଜଣାପଡିବା ପରେ ଗ୍ରାମବାସୀଙ୍କ ୧୨ ଦଫା ଦାବି ସମ୍ପର୍କରେ ପ୍ରଶାସନ ଓ ପ୍ରକଳ୍ପର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏ ପର୍ଯ୍ୟନ୍ତ ପ୍ରଶାସନ ତରଫରୁ କୌଣସି ଉତ୍ତର ମିଳି ନ ଥିବାବେଳେ ୨୦୧୯ ଅଗଷ୍ଟ ୧୦ରେ ଗ୍ରାମ ସଭାପତିଙ୍କୁ କୋଇଲା ଖଣି ପ୍ରକଳ୍ପ, ଏନ୍‌ଟିପିସି ତରଫରୁ ନୋଟିସ ଜାରି କରାଯାଇଛି। ହେଲେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କମ୍ପାନୀକୁ ଗ୍ରାମରେ ପୂରାଇ ଦିଆଯିବ ନାହିଁ ବୋଲି ୨ ସାହି ସଭାପତି ସୁଶାନ୍ତ ପ୍ରଧାନ, ବାବୁଲି ସାହୁ, କମିଟି ସଦସ୍ୟ ଦୁର୍ଯ୍ୟୋଧନ ଜେନା, ଦେବରାଜ ରାଉଳ ପ୍ରମୁଖ ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : dklselfie@gmail.com


@ କ୍ଷୀରୋଦ


@ ପ୍ରଦ୍ୟୁତ

## ୨୦ରୁ ଖଣି ବନ୍ଦ ଆନ୍ଦୋଳନ ଚେତାବନୀ

**ତାଳଚେର, ୧୮।୮ (ନି.ପ୍ର.)**

ଭରତପୁର କୋଇଲା ଖଣି ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଓ ନିଯୁକ୍ତି ଦେବାରେ ଏମ୍‌ସିଏଲ ବିଫଳ ହେବା ଓ ପ୍ରତିଶ୍ରୁତି କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ କରିଛି ତାଳଚେର ସୁରକ୍ଷା ମଞ୍ଚ। ଏହା ପ୍ରତିବାଦରେ ଆସନ୍ତା ୨୦ ତାରିଖରୁ ତାଳଚେର କୋଲ ଫିଲ୍ଡସର ସମସ୍ତ କୋଇଲା ଖଣି ବନ୍ଦ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ରବିବାର ବଲଣ୍ଡା ଶିବମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ବସିଥିଲା। ସଂଘ ସଭାପତି ମୁରଲୀଧର ସାହୁ ଏଥିରେ ଅଧ୍ୟକ୍ଷତା କରି କହିଲେ, ଭରତପୁର କୋଇଲା ଖଣି ଦୁର୍ଘଟଣାରେ ମୃତ ଶ୍ରମିକଙ୍କ ପରିବାରକୁ ୨ଟି କିସ୍ତିରେ ଅଗଷ୍ଟ ୧୦ ମଧ୍ୟରେ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ୧୦ ତାରିଖ ବିତି ଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ କ୍ଷତିପୂରଣ ଓ ନିଯୁକ୍ତି ମିଳି ପାରିନାହିଁ। ଏମସିଏଲର ଏଭଳି ମନୋଭାବକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ଅବଶିଷ୍ଟ କ୍ଷତିପୂରଣ ଓ ନିଯୁକ୍ତି ଦିଆ ନ ଗଲେ ୨୦ରୁ ତାଳଚେରର ସମସ୍ତ କୋଇଲା ଖଣି ବନ୍ଦ କରାଯାଇ କୋଇଲା ଉତ୍ତୋଳନ, ପରିବହନ କାର୍ଯ୍ୟ ସହ ସମସ୍ତ କାର୍ଯ୍ୟାଳୟକୁ ଅଚଳ କରାଯିବ ବୋଲି ମଞ୍ଚ ପକ୍ଷରୁ ସ୍ଥିର ହୋଇଛି। ଏ ସମ୍ପର୍କରେ ଅନୁଗୋଳ ଜିଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯାଇଥିବା ସଭାପତି ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନରହରି ସାହୁ, ସନ୍ତୋଷ ପ୍ରଧାନ, ସରପଞ୍ଚ ଅବନିକାନ୍ତ ଦେହୁରୀ, ରାଜେଶ ଦାସ, ମୃତକଙ୍କ ପରିବାରଙ୍କ ସମେତ ୪ଟି ଗ୍ରାମର ବାସିନ୍ଦା ଉପସ୍ଥିତ ଥିଲେ।

## ନୂଆ ଜିଜ୍ଞାସା ସୃଷ୍ଟି କରେ ସଙ୍ଗୀତ

**ତାଳଚେର,୧୮।୮(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିରରେ ସମ୍ଭାଗସ୍ତରୀୟ ସଙ୍ଗୀତ ପ୍ରମୁଖ ବୈଠକ ରବିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଶିକ୍ଷାବିକାଶ ସମିତିର ମଧ୍ୟସମ୍ଭାଗ ଅନ୍ତର୍ଗତ ୪୦ଟି ବିଦ୍ୟାଳୟର ସଙ୍ଗୀତ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ଶିକ୍ଷାବିତ ଦିବାକର ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥିଭାବେ ପ୍ରାନ୍ତ ସଙ୍ଗୀତ ସଂଯୋଜକ ପଦ୍ମ ମୋହନ ରାଓ ପାତ୍ର, ସମ୍ଭାଗ ଶିଶୁବାଟିକା ସଂଯୋଜକ ପବିତ୍ର କୁମାର ପଣ୍ଡା, ଅନୁଗୋଳ ବିଭାଗ ନିରୀକ୍ଷକ ବିଜନ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାପତି ଭୀମସେନ ସାହୁ,ସହ ସମ୍ପାଦକ ତପନ କୁମାର ସାହୁ ଓ କୋଷାଧ୍ୟକ୍ଷ ଗିରୀଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜୀବନରେ ସଙ୍ଗୀତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଙ୍ଗୀତର ପ୍ରଭାବରେ ମଣିଷ ମନରେ ନୂଆ କିଛି କରିବାର ଜିଜ୍ଞାସା ଜାଗି ଉଠେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅନିଲ କୁମାର ଦେହୁରୀ ଅତିଥି ପରିଚୟ ଦେଇଥିଲେ। ଆଚାର୍ଯ୍ୟା ଦମୟନ୍ତୀ ନନ୍ଦ ଓ ବିଷ୍ଣୁଚରଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦିବାକର ବାରିକ, ଆଚାର୍ଯ୍ୟ ତ୍ରିଲୋଚନ ବେହେରା, ବୈଦେହୀ ସାହୁ, ସ୍ନେହଲତା ସ୍ୱାଇଁ, ମଳୟ ଦାସ, ଶରତ ଚନ୍ଦ୍ର ଦାସ, ପ୍ରିୟଙ୍କା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଜାତୀୟ ଦିବସର ମହତ୍ତ୍ୱ ଜାଣିଲେ ପିଲା


କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଅନୁଗୋଳ ଅଫିସ, ୧୮।୮**

ଅନୁଗୋଳ ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଡକ୍ଟର ପ୍ରଭାତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରୋଟାରି କ୍ଲବ ଅନୁଗୋଳର ବିଶ୍ୱଜିତ ପଟ୍ଟନାୟକ, ରାଜେଶ କୁମାର ସାରଳିଆଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଡକ୍ଟର ପଣ୍ଡା କୁନି କୁନି ପିଲାମାନଙ୍କୁ ଏହି ଦିବସର ମହତ୍ତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ପରେ ରଙ୍ଗଭରା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍କୁଲର କୁନି କୁନି ପିଲାମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟକ୍ଷା ଯଶପାଲ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉପଦେଷ୍ଟା ଇଭାଲିନ୍ ରଥ, ଈପ୍ସିତା ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## କର୍ମ ହିଁ ଶୀର୍ଷରେ ପହଞ୍ଚାଇ ପାରିବ


ସ୍ୱାଧୀନତା ଦିବସ ପାଳନ ଅବସରରେ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।

**ଅନୁଗୋଳ ଅଫିସ, ୧୮।୮**

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ଆଇଡିଆଲ ପବ୍ଲିକ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ଆଶିଷ ରଞ୍ଜନ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିସହ କର୍ମ ହିଁ ଆମକୁ ଶୀର୍ଷରେ ପହଞ୍ଚାଇପାରିବ ବୋଲି ଅଧକ୍ଷ ଉପସ୍ଥିତ ପିଲାମାନଙ୍କୁ ବୁଝାଇଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ଜପକୃଷ୍ଣ ଦାସ ଓ ସଭାପତି ଅମିତାଭ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

**ଛେଣ୍ଡିପଦା,୧୮।୮(ସ୍ୱ.ପ୍ର)**

ଛେଣ୍ଡିପଦା ବନାଞ୍ଚଳ ଅଧୀନ କାଠପାଳ ଗ୍ରାମରେ ରବିବାର ଭାଲୁ ଆକ୍ରମଣରେ ଅଳେଇଚ ବିଶ୍ୱାଳ ଗୁରୁତର ହୋଇଛନ୍ତି। ଅଳେଇଚ ଘର ନିକଟସ୍ଥ ପଡ଼ିଆକୁ ଯାଇ ତାଳ ଗୋଟାଉ ଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

## ସମ୍ବଲପୁର ଏମ୍‌ପିଙ୍କ ଛେଣ୍ଡିପଦା ଗସ୍ତ


ନୂତନ କର୍ମୀଙ୍କୁ ଦଳରେ ସ୍ୱାଗତ କରାଯାଉଛି।

**ଛେଣ୍ଡିପଦା,୧୮।୮(ସ୍ୱ.ପ୍ର)**

ସମ୍ବଲପୁର ଏମପି ନୀତେଶ ଗଙ୍ଗଦେବ ରବିବାର ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ପ୍ରଥମେ ସେ ଛେଣ୍ଡିପଦା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆୟୋଜିତ ଦଳୀୟ ସଭାରେ ଯୋଗଦେଇ ଦଳୀୟ ସଙ୍ଗଠନ ଭାଜପାକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପରେ ଏମ୍‌ପି ଗଙ୍ଗଦେବ କୋଶଳା ଗସ୍ତ କରି ମା’ ରାମଚଣ୍ଡୀଙ୍କ ଦର୍ଶନ କରିବା ସହିତ ଜନସାଧାରଣଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ଅବସରରେ ଟାଙ୍ଗିର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କଂଗ୍ରେସ ପୂର୍ବତନ ଜିଲା ପରିଷଦ ସଭ୍ୟ ଉମେଶ ଚନ୍ଦ୍ର ପ୍ରଧାନ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଆସି ଭାଜପାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଅନୁଗୋଳ ସାଧାରଣ ସମ୍ପାଦକ ଚୌଧୁରୀ ପ୍ରଧାନ, ସମ୍ପାଦକ ବିଜୟ ମାଝୀ, ଭାଜପା ବରିଷ୍ଠ ନେତା ଗତିକୃଷ୍ଣ ପ୍ରଧାନ, ସରପଞ୍ଚ ସୁଧାକର ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଜ୍ଞାନ ବିଜ୍ଞାନ ମେଳା

**ଛେଣ୍ଡିପଦା,୧୮।୮(ଡି.ଏନ.ଏ.)**

ଛେଣ୍ଡିପଦା ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ୍ ୫୨ ଜଣ ଶିଶୁ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ଶିଶୁ ବର୍ଗରେ ୨୬, ବାଲ ବର୍ଗରେ ୨୦, କିଶୋର ବର୍ଗରେ ୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବୁଢାପାଳ ଆଞ୍ଚଳିକ ମହାବିଦ୍ୟାଳୟ ଅଧାପକ ଭୋଳେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ଅତିଥି ଭାବେ ପରିଚାଳନା କମିଟି ସଭାପତି ବିଜୟ କୁମାର ଗଡନାୟକ, ସମ୍ପାଦକ ଦୀପକ ପ୍ରଧାନ, ଉପ ସଭାପତି ଚନ୍ଦ୍ରମଣି ପ୍ରଧାନ, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଦେହୁରୀ ଯୋଗ ଦେଇଥିଲେ। ବିଚାରକ ଭାବେ କୁମୁଦ ଚନ୍ଦ୍ର ମାଝୀ, ଅଜୟ ଗଡନାୟକ, ଅଞ୍ଜଳି ପ୍ରଧାନ, ରଜତ ପ୍ରଧାନ, ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ମନ୍ଦିର ବିଜ୍ଞାନ ବିଭାଗ ପ୍ରମୁଖ ଜିତେନ୍ଦ୍ର କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କଂସମୁଣ୍ଡାବାସୀଙ୍କ ଖଣିବନ୍ଦ ଆନ୍ଦୋଳନ


ଆନ୍ଦୋଳନରେ ସାମିଲ ହୋଇଥିବା ଗ୍ରାମବାସୀ।

**କଣିହାଁ,୧୮।୮(ଡି.ଏନ.ଏ.)**

ନିଯୁକ୍ତି ଓ ଥଇଥାନ ଦାବିରେ ଅନୁଗୋଳ ଜିଲା କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମବାସୀ ରବିବାର ଏମ୍‌ସିଏଲର କଣିହାଁ କୋଇଲା ଖଣି ବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିଯୋଗୁ ସମସ୍ତ ଖଣି କାର୍ଯ୍ୟ ଠପ୍ ହୋଇଯାଇଛି। ଆନ୍ଦୋଳନରେ କୋଇଲା ମାଇନ୍ସ ଆଫେକଟେଡ ପ୍ଲବିକ ଟ୍ରଷ୍ଟର ଅବହେଳିତମାନେ ସାମିଲ ହୋଇଛନ୍ତି। ଖବରଲେଖା ହେବା ପର୍ଯ୍ୟନ୍ତ ବୁଝାଶୁଝା ସତ୍ତ୍ୱେ ଆନ୍ଦୋଳନ ହଟିନାହିଁ। ଟ୍ରଷ୍ଟ ସମ୍ପାଦକ ଦେବେନ୍ଦ୍ର ବାରିକ, ସଭାପତି ଅମର ନାୟକ କହିଛନ୍ତି, ଏପରି ଆଲୋଚନା ବହୁବାର ହୋଇଛି। ହେଲେ ଦାବି ପୂରଣ ହେଉନାହିଁ। କଣିହାଁ ପୋଲିସ ସହିତ ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାକୁ ଆସିଥିଲେ। ହେଲେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦିଆଯାଇଛି। କଣିହାଁ ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ବୁଝାଶୁଝା ପରେ ମଧ୍ୟ ଆନ୍ଦୋଳନ ଚାଲିଛି।

## ସଂକ୍ଷେପରେ

### ଅଖଣ୍ଡ ଭାରତ ଦିବସ

ଅନୁଗୋଳ ଅଫିସ, ୧୮।୮- ନାଲ୍‌କୋନଗର ସ୍ଥିତ ଆଲୁମିନିୟମ ମଜଦୁର ସଂଘରେ ଅଖଣ୍ଡ ଭାରତ ଦିବସ ପାଳିତ ହୋଇଯାଇଛି। ନାଲ୍‌କୋନଗର ନାଗରିକ ମଞ୍ଚ ପକ୍ଷରୁ ଆହୂତ ଏହି କାର୍ଯ୍ୟକ୍ରମରେ ସ୍ୱଦେଶୀ ଜାଗରଣ ମଞ୍ଚର ଆବାହକ ଶତ୍ରୁଘ୍ନ ତରାଇ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜୟ କୁମାର ସାହୁ ଓ ଡ. ଅନିଲ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଆଶୁତୋଷ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମିନିୟମ ମଜଦୁର ସଂଘର ସୁବାସ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବେହେରା, ଖଗେଶ୍ୱର ଭୂତିଆ, କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ପ୍ୟାରୀମୋହନ ନାୟକ, ମକରଧ୍ୱଜ ଦେହୁରୀ, ପ୍ରମୋଦ ପରିଡ଼ା, ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଏକ ମନ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

ଅନୁଗୋଳ ଅଫିସ, ୧୮।୮- ଅନୁଗୋଳର ସେବା ସାଂସ୍କୃତିକ ଅନୁଷ୍ଠାନ 'କଳାକାର'ର ଚନ୍ଦନନଗର ସ୍ଥିତ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସାଧାରଣ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ପତାକା ଉତ୍ତୋଳନ କରିବା ସହ ସଦସ୍ୟମାନେ ଏକ ମନରେ କାର୍ଯ୍ୟ କଲେ ଅନୁଷ୍ଠାନର ପ୍ରତ୍ୟେକ କାର୍ଯ୍ୟ ନିଶ୍ଚିତ ସଫଳ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜକିଶୋର ପ୍ରଧାନ, ସନ୍ତୋଷ କୁମାର ନାୟକ, ରୁଚିର କୁମାର ବରାଳ, ପ୍ରଫୁଲ୍ଲ କୁମାର ତୁଙ୍ଗ, ଟୁକୁନା ସାହୁ, ଦିଲେଶ୍ୱର ସାହୁ, ଦୀପାଂଶୁ ବରାଳ, ଅଭୟ ତ୍ରିପାଠୀ, ପ୍ରଶାନ୍ତ କୁମାର ରଥ, ଅଶୋକ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି



ବଈଣ୍ଡା,୧୮।୮(ଡି.ଏନ.ଏ.) କିଶୋରନଗର ବ୍ଲକ ବଈଣ୍ଡା ଶିଶୁ ମନ୍ଦିର ନିକଟସ୍ଥ ଦକ୍ଷତା ବିକାଶ କେନ୍ଦ୍ରଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଥମ ପୁଣ୍ୟତିଥି ଶୁକ୍ରବାର ପାଳିତ ହୋଇଛି। ମଣ୍ଡଳ ସଭାପତି ବିଶ୍ୱଜିତ୍ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ, ମଣ୍ଡଳ ସମ୍ପାଦକ ଧ୍ରୁବଚରଣ ସାହୁ, ବରିଷ୍ଠ ନାଗରିକ କୀର୍ତ୍ତନ ପ୍ରଧାନ, ପ୍ରଫୁଲ୍ଲ ଗଡ଼ନାୟକ, ଡିଲେଶ୍ୱର ପ୍ରଧାନ, ଯଶୋବନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ରାଖୀ ପୂର୍ଣ୍ଣିମା ଓ ଗୋ ପୂଜନ



ବଈଣ୍ଡା,୧୮।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ବଈଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ରାଖୀ ପୂର୍ଣ୍ଣିମା ଓ ଗୋ ପୂଜନ ଉତ୍ସବ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାୟକ ଯୋଗଦେଇ ରାଖୀ ପୂର୍ଣ୍ଣିମା ଓ ଗୋ ପୂଜନ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ସଭାପତି ସନାତନ ସାହୁ, ମହେଶ୍ୱର ସାହୁ, ଲକ୍ଷ୍ମୀଧର ବେହେରା, ରାଜେନ୍ଦ୍ର ରାଉତ ଯୋଗ ଦେଇଥିଲେ। ଜ୍ୟୋତ୍ସ୍ନାମୟୀ ପ୍ରଧାନ ପରିଚାଳନା କରିଥିଲେ। ସେହିପରି ବଈଣ୍ଡାସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟଠାରେ ରାଖି ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ବଈଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଜୟନ୍ତ ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସୁବ୍ରତ ବିଶ୍ୱାଳ, ପ୍ରିୟବ୍ରତ ଅମୀୟ, ରଞ୍ଜନ ମହାନ୍ତି, ବିକେ ରମେଶ ଯୋଗ ଦେଇଥିଲେ। ଏଥିରେ ବିକେ ବିନୋଦିନିଙ୍କ ସମେତ ଶାଖାର ପରିଚାଳିକାମାନେ ରାଖୀ ବାନ୍ଧି ଥିଲେ।

■ଷ୍ଟେଟ ବ୍ୟାଙ୍କର ୨ ଦିନିଆ କର୍ମଶାଳା ଉଦ୍‌ଯାପିତ

# ବ୍ୟାଙ୍କିଙ୍ଗ ବ୍ୟବସ୍ଥା ନାଗରିକ କୈନ୍ଦ୍ରିକ କରିବାକୁ ଗୁରୁତ୍ୱ

**ଅନୁଗୋଳ ଅଫିସ, ୧୮।୮**

ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ୧୭ ଓ ୧୮ ତାରିଖ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ଓ ଢେଙ୍କାନାଳରେ ଥିବା ଏହି ବ୍ୟାଙ୍କର ସମସ୍ତ ଶାଖା ପ୍ରବନ୍ଧକମାନେ ଯୋଗ ଦେଇଥିଲେ। ସେମାନଙ୍କ ପ୍ରଦର୍ଶନକୁ କର୍ମଶାଳାରେ ସମୀକ୍ଷା କରାଯିବା ସହ ବ୍ୟାଙ୍କର ନୂଆ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ, ଚାଷୀ, ଛୋଟ ବଡ ବ୍ୟବସାୟୀ, ମହିଳାମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରିକ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।




କର୍ମଶାଳାରେ ବ୍ୟାଙ୍କର ଅଧିକାରୀମାନେ।

ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରତିଯୋଗିତାକୁ ଆଖିରେ ରଖି ବ୍ୟାଙ୍କର କାର୍ଯ୍ୟଧାରାରେ ଉନ୍ନତି ଓ ଏହାର ଭବିଷ୍ୟତ ରୂପରେଖ ଉପରେ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ବ୍ୟାଙ୍କର ପ୍ରଦର୍ଶନ ଓ ରାଷ୍ଟ୍ରୀୟ ପ୍ରାଥମିକତାକୁ ଦୃଷ୍ଟିରେ ରଖି ନିମ୍ନ କ୍ଷେତ୍ର ସହିତ କିପରି ସଂଯୋଗ ରକ୍ଷା କରାଯାଇପାରିବ ସେ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଲଘୁ ଉଦ୍ୟୋଗ ଓ ମୁଦ୍ରା ଋଣ, ଶିକ୍ଷା ଋଣ, ସବୁଜ ଅର୍ଥନୀତି, ସ୍ୱଚ୍ଛ ଭାରତ, ବିତ୍ତୀୟ ସମାବେଶନ ଓ ମହିଳା ସଶକ୍ତିକରଣ, ପ୍ରତ୍ୟକ୍ଷ ଲାଭ ଅନ୍ତରଣ, ଡିଜିଟାଲ ଅର୍ଥବ୍ୟବସ୍ଥା କରାଯିବା ସହ ବ୍ୟାଙ୍କର କାର୍ଯ୍ୟ ସମ୍ପାଦନରେ ସୁଧାର ଆସିପାରିବ ଏବଂ ଭବିଷ୍ୟତରେ ବ୍ୟାଙ୍କର ରୂପରେଖ ଉପରେ ବିଭିନ୍ନ ପ୍ରସ୍ତାବକୁ ଏସ୍‌ଏଲ୍‌ବିସି ବା ରାଜ୍ୟସ୍ତରରେ ଅଧିକ ତର୍ଜମା ପାଇଁ କ୍ଷେତ୍ରୀୟ କାର୍ଯ୍ୟାଳୟକୁ ପଠାଯାଇଥିବା କର୍ମଶାଳାରେ କୁହାଯାଇଥିଲା। ବିଶ୍ୱନାଥ ପାଣିଗ୍ରାହୀ, ଉପମହାପ୍ରବନ୍ଧକ ସୁଶାନ୍ତ କୁମାର ମିଶ୍ର, ସହକାରୀ ମହାପ୍ରବନ୍ଧକ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାହିତ୍ୟ ପ୍ରତି ସମସ୍ତେ ରୁଚି ରଖନ୍ତୁ



**ବଈଣ୍ଡା,୧୮।୮(ଡି.ଏନ.ଏ.)**

ଆଜିର ସମାଜରେ ପୁରାତନ ସଂସ୍କୃତି ସହ ସାହିତ୍ୟ ଲୋପ ପାଇବାରେ ଲାଗିଛି। ସାହିତ୍ୟ ବଞ୍ଚିଲେ ସଂସ୍କୃତି ବଞ୍ଚିବ। ଏଥିପ୍ରତି ଯୁବସମାଜ ସହ କବିମାନେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ଗୁରୁବାର କିଶୋରନଗର କଲେଜ ପରିସରରେ କିଶୋର ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସଂସଦର ସଭାପତି ତଥା କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର କୁମୁଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂ ଶାସିତ କଲେଜ ଅଧ୍ୟକ୍ଷ ଶାନ୍ତନୁ ସର, ସମ୍ମାନିତ ଅତିଥି ଭାବେ ଦଧିବାମନ ପ୍ରଧାନ, କଣିହାଁ ବ୍ଲକର ଅତିରିକ୍ତ ବିଡ଼ିଓ ରାହାସ ଚନ୍ଦ୍ର ନାୟକ, କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ଜୟକୃଷ୍ଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗ୍ରାମ କେଶରୀ ପୃଷ୍ଟି ସଂଯୋଜନା କରିଥିଲେ। ଶିକ୍ଷକ ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିସହିତ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରବନ୍ଧ, କୁଇଜ ପ୍ରତିଯୋଗିତା



ସ୍ୱଚ୍ଛତା ଅଭିଯାନରେ ସଫେଇ କାର୍ଯ୍ୟ।

**ଅନୁଗୋଳ ଅଫିସ, ୧୮।୮**

ଅନୁଗୋଳ ମହିଳା ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ସ୍ୱତନ୍ତ୍ର ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। କ୍ରାନ୍ତି ଦିବସ ଅଗଷ୍ଟ ୯ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସପ୍ତାହେ ବ୍ୟାପୀ ବୃକ୍ଷରୋପଣ, ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍, ସ୍କାଉଟ୍ସ, ଗାଇଡ୍ସ ତଥା ରେଡକ୍ରସ ଆଦିର ସାମାଜିକ କର୍ମୀମାନେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱାଧୀନତା ଦିବସ ଅବସରରେ ସମ୍ମାନିତ କରାଯାଇଥିଲା। ସେହିପରି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ସଙ୍ଗୀତା ଦାସ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, କର୍ମଚାରୀ, ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

## ମା' ସନ୍ତୋଷୀଙ୍କ ବାର୍ଷିକ ଉତ୍ସବ

**କଣିହାଁ, ୧୮।୮(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ଆଖଣ୍ଡଳମଣି ମନ୍ଦିର ପରିସରରେ ମା' ସନ୍ତୋଷୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଥାରୀତି ପୂଜାର୍ଚ୍ଚନା ପରେ ମା'ଙ୍କୁ ନଗର ପରିକ୍ରମା କରାଯାଇ କପିଳେଶ୍ୱର ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ମନ୍ଦିର ମୁଖ୍ୟ ସେବକ ଆକୁଳ ପଣ୍ଡାଙ୍କ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଭକ୍ତଙ୍କ ଦାନ ଅର୍ଥରେ ନାମ ସଂକୀର୍ତ୍ତନ ଦଳର ୫୦୧ ଜଣଙ୍କୁ ଉତ୍ତରୀୟ ସହ ଛୋଟ ପିଲା ଓ ବୃଦ୍ଧାବୃଦ୍ଧଙ୍କୁ ଛତା, ପୋଷାକ ଆଦି ବଣ୍ଟନ କରାଯାଇଥିଲା। ମା' ସନ୍ତୋଷୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସାଥୀ ପରିବାର ପକ୍ଷରୁ ଚାରାରୋପଣ

**ଅନୁଗୋଳ ଅଫିସ, ୧୮।୮**

ଅନୁଗୋଳ ଜୈବବିବିଧତାର ସୁରକ୍ଷା ପାଇଁ ସାଥୀ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଉଛି। ରବିବାର ସାଥୀ ପରିବାରର ସଦସ୍ୟମାନେ ଗୁରଙ୍ଗ ଜଙ୍ଗଲ ତଳି ଅଞ୍ଚଳ ଓ ଗୁରଙ୍ଗ କ୍ଷୁଦ୍ର ଜଳ ପ୍ରକଳ୍ପ ନିକଟରେ ପିଜୁଳି, ଜାମୁ, ଆମ୍ବ, ଅଁଳା, ବାହାଡା, ଲିମ୍ବ, ଆତ, କୃଷ୍ଣଚୂଡ଼ା, ରାଧାଚୂଡ଼ା ଆଦି କିସମର ଚାରା ରୋପଣ କରିଛନ୍ତି। ଏଥିସହ ସମସ୍ତ ଚାରା ଚାରିପଟରେ ତାରବାଡ ଲଗାଯାଇଛି। ଗୁରଙ୍ଗ ବନ ସୁରକ୍ଷା ସମିତି ଏଥିରେ ସହଯୋଗ କରିଥିଲା। ବନ ସୁରକ୍ଷା ସମିତି ସଭାନେତ୍ରୀ ସାଧବାଣୀ ନାଏକ, ଉପସଭାପତି ସନ୍ତୋଷ ନାଏକ, ଆନିମେଟର ଅରୁଣ ନାଏକ, କୋଷାଧ୍ୟକ୍ଷ ବିଶ୍ୱନାଥ ନାଏକ, ଆମ ଅନୁଗୋଳ ଅନୁଷ୍ଠାନର ସଭାପତି ଦିନେଶ ପ୍ରଧାନ ଓ ସାଥୀ ପରିବାରର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ରାସ୍ତା ନଷ୍ଟ କରୁଛି ଲୁହାଚକ ଟ୍ରାକ୍ଟର

**ମାଧପୁର,୧୮।୮**

ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ଲୁହା ଚକ ଲାଗିଥିବା ଟ୍ରାକ୍ଟର ଚାଲୁଥିବା ଯୋଗୁ ରାଜ୍ୟ ରାଜପଥ, ବିଭିନ୍ନ ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନଷ୍ଟ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଗତ ୩ ମାସ ହେବ କନ୍ଧପଡାରୁ କନ୍ହେଇବେରୁଣୀ ପର୍ଯ୍ୟନ୍ତ ନିର୍ମିତ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତାର ଅନେକ ସ୍ଥାନରେ ଏଥିଯୋଗୁ ଖାଲ ହେଉଛି। ଫଳରେ ଅଳ୍ପ ଦିନରେ ରାସ୍ତା ଖରାପ ହେବାକୁ ବସିଥିଲେ ହେଁ କେହି ଧ୍ୟାନ ଦେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଜଳ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରହୁ




**ଛେଣ୍ଡିପଦା,୧୮।୮(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ପଞ୍ଚାୟତ ବାଲିନାଳୀ ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ତଥା ମା' ବୁଢ଼ୀ ଯୁଥ କ୍ଲବ ମିଳିତ ଆନୁକୂଲ୍ୟରେ ଜଳ ସଂରକ୍ଷଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜଳ ସଂରକ୍ଷଣ, ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା। ଛେଣ୍ଡିପଦା ବ୍ଲକ ସମନ୍ୱୟକାରୀ ରାମଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମ ସଭାପତି କଳାକାର ସାହୁ, ଯୁଥ କ୍ଲବ ସଭାପତି ତାପସ ସାହୁ, ସମ୍ପାଦକ ଘନଶ୍ୟାମ ସାହୁ, ରାଜୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଉତ୍କଳ ସେବା ସଂସଦ ଡୁକୁଡା ଏବଂ ନେହେରୁ ଯୁବ କେନ୍ଦ୍ର ଅନୁଗୋଳ ମିଳିତ ଆନୁକୂଲ୍ୟରେ ଡୁକୁଡା ଗ୍ରାମରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସଦ ସଭାପତି ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ପ୍ରଧାନ ଶିକ୍ଷକ ବିଜୟ କୁମାର ଦେହୁରୀ, ବିଭୂଦତ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଜଳ ସଂରକ୍ଷଣ ଉପରେ ଆଲୋଚନା

**ମାଧପୁର, ୧୮।୮**

ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ବେଲାଦୁଲା ଗ୍ରାମରେ ମା' ମାଉଳି ଯୁବକ ସଂଘ ତରଫରୁ ଜଳ ଶକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମାଧପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପରାସର ମେଣ୍ଡୁଲି ଏବଂ ଶିକ୍ଷକ ଜୟନ୍ତ ମାହାର ଯୋଗ ଦେଇ ଆଲୋଚନା ଆରମ୍ଭ କରିଥିଲେ। ସଂଘର ଉପଦେଷ୍ଟା ପ୍ରତାପ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ 'ଜଳ ସଂରକ୍ଷଣ ଆମ ଜୀବନ' ଶୀର୍ଷକରେ କବିତା ପାଠ ହୋଇଥିଲା।

# ଅଙ୍ଗପଡ଼ା କଲେଜରେ ଚାରାରୋପଣ

**ବଈଣ୍ଡା,୧୮।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡ଼ା ଆଞ୍ଚଳିକ କଲେଜ ପରିସରରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ବଳରାମ ପ୍ରଧାନ ଯୋଗ ଦେଇ ଚାରାରୋପଣ କରିବାସହ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏନଏସଏସର ସଂଯୋଜକ ଜ୍ଞାନେନ୍ଦ୍ର ବିଶ୍ୱାଳ, ବିଭୂଦେନ୍ଦ୍ର ସାହୁ, ପ୍ରଶାନ୍ତ ପ୍ରଧାନ, ନଟବର ସାହୁ ପ୍ରମୁଖ ଯୋଗଦେଇ ୫୦ଟି ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ।



ଚାରାରୋପଣରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

# ସଂସ୍କୃତ ଭାଷା ଉପରେ ଗୁରୁତ୍ୱ




**ବଈଣ୍ଡା,୧୮।୮(ଡି.ଏନ.ଏ.)**

ସଂସ୍କୃତ ଭାଷା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେଇ ଭାଷାକୁ ଆପଣାଇବା ଦରକାର ବୋଲି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ହାଇସ୍କୁଲରେ ସଂସ୍କୃତ ଦିବସରେ ପାଳନ ଅବସରରେ ଅତିଥିମାନେ ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସାହାରାତୁନ ନିଶାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧଣ୍ଡାତୋପା ରେଞ୍ଜର ରାହାସ ସାହୁ, ଅନ୍ୟତମ ଅତିଥି ଶିକ୍ଷକ ଦିବାକର ପ୍ରଧାନ, ଚାରୁ ହାସିନୀ ସାହୁ, ବିନତୀ ମାଝୀ ଯୋଗ ଦେଇଥିଲେ।

## ବଳରାମଙ୍କ ଆବିର୍ଭାବ ଉତ୍ସବ ପାଳିତ

**ଅନୁଗୋଳ ଅଫିସ, ୧୮।୮**

ଅନୁଗୋଳରେ ଇସ୍କନ ପକ୍ଷରୁ ପ୍ରଭୁ ବଳରାମଙ୍କ ଆବିର୍ଭାବ ଉତ୍ସବ ଓ ରାଧା ଶ୍ୟାମସୁନ୍ଦରଙ୍କ ଝୁଲଣ ଯାତ୍ରା ପାଳିତ ହୋଇଯାଇଛି। ଏହି ଉତ୍ସବରେ ମନ୍ଦିର ଓ ବିଗ୍ରହମାନଙ୍କୁ ସାଜସଜ୍ଜା କରାଯାଇ ମଙ୍ଗଳ ଆରତୀ, ଦର୍ଶନ ଆରତି ଓ ଶୃଙ୍ଗାର ଆରତୀ କରାଯାଇଥିଲା। ଏଥିରେ ହରିନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମଧ୍ୟାହ୍ନରେ ଆରତୀ, ରାଜଭୋଗ ଅର୍ପଣ ତଥା ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ରାଧା ଶ୍ୟାମସୁନ୍ଦରଙ୍କ ଝୁଲଣ ଯାତ୍ରା ପାଳିତ ହୋଇଥିଲା।

# ଜ୍ଞାନ ବିଜ୍ଞାନ ମେଳାରେ ୭୮ ପ୍ରକଳ୍ପ

**ଅନୁଗୋଳ ଅଫିସ, ୧୮।୮**

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡା. ସୁଧାକର ପାଳ ଅଧ୍ୟକ୍ଷତା କରିଥିଲେ। ଜିଲା ସହକାରୀ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଜଳ ସମସ୍ୟାର କାରଣ ଓ ନିରାକରଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଉପସଭାପତି ଦୁର୍ଗାଚରଣ ବିଶୋଇ, ଉପସମିତି ସଦସ୍ୟ ଗନ୍ଧର୍ବ ଜେନା, ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥ ପ୍ରମୁଖ ଉପସ୍ଥିତ ରହି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ଶିଶୁବର୍ଗର ୨୯ଟି, ବାଲ୍ ବର୍ଗର ୩୨ଟି ଓ କିଶୋରବର୍ଗର



ଅତିଥି ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

୧୭ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁମାନେ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ସଙ୍କୁଳ ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ବରିଷ୍ଠ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାଥ, ଆଚାର୍ଯ୍ୟା ମମତା ତ୍ରିପାଠୀ, ଆଚାର୍ଯ୍ୟ ସଂଗ୍ରାମ କେଶରୀ ଗଡ଼ନାୟକ, ବିଜ୍ଞାନ ପ୍ରମୁଖ ବିଷ୍ଣୁପ୍ରିୟା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଡ଼ଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଈଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଅଗଷ୍ଟ ୧୯ /୨୦୧୯ Dhenkanal, Monday, August 19 / 2019


## ସଂକ୍ଷେପରେ

### ୨,୧୩୪ ପ୍ରକଳ୍ପ ପ୍ରଦର୍ଶିତ



**ଢେଙ୍କାନାଳ ଅଫିସ, ୧୮।୮:** ଢେଙ୍କାନାଳ ସହର ଉପକଣ୍ଠ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ରବିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ମିଶ୍ର, ପରିଚାଳନା କମିଟି ସଦସ୍ୟା ସୁଲୋଚନା ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୨,୧୩୪ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ୧୫୫ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ୩୦ ଜଣ ବିଚାରକଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରକଳ୍ପ ଚୟନ କାର୍ଯ୍ୟ ସମ୍ପାଦିତ ହୋଇଥିଲା। କମିଟି ସଭାପତି କ୍ଷେତ୍ରବାସୀ ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା, ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ସାହୁ, ସହ ପ୍ରଧାନ ଆଚାର୍ଯ୍ୟ ମିଲୁଚରଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜକାନ୍ତ ଦାସ ପୁରସ୍କାର ପ୍ରଦାନ କରିଥିଲେ।

### ଟ୍ରକ୍ ପଛରେ ଧକ୍କା ଦେଲା ବାଇକ୍

**ଢେଙ୍କାନାଳ ଅଫିସ, ୧୮।୮:** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥର ପରମହଂସପୁର ଛକ ପେଟ୍ରୋଲ ପମ୍ପ ନିକଟରେ ରବିବାର ରାତି ପ୍ରାୟ ୯ଟାରେ ଦୁର୍ଘଟଣା ଘଟିଛି। ରାସ୍ତା ଉପରେ ଛିଡ଼ା ହୋଇଥିବା ଟ୍ରକ୍ ପଛ ପାର୍ଶ୍ୱରେ ପିଟି ହୋଇ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଜରପଡ଼ା ଥାନା ଅଞ୍ଚଳର ନାରାୟଣ ବିଶ୍ୱାଳ। ପରଜଙ୍ଗ ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ ପୋଲିସ ଗାଡ଼ି ସହାୟତାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉଭୟ ଗାଡ଼ି ଜବତ କରିଛି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୧୮।୮:** ଢେଙ୍କାନାଳ ଶିକ୍ଷା ବିଭାଗର ଅବସରପ୍ରାପ୍ତ ମୁଖ୍ୟ କିରାଣି ଅମରେନ୍ଦ୍ର ଶତପଥୀଙ୍କ ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ କିଛି ଦିନଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ, ବନ୍ଧୁବାନ୍ଧବଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ସମାଜସେବାରେ ସାମିଲ ହେବାକୁ ପରାମର୍ଶ

**କଣିହାଁ, ୧୮।୮(ଡି.ଏନ.ଏ.):** କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତର ଗୋପବନ୍ଧୁ କ୍ଲବ ପ୍ରାଙ୍ଗଣରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ବୀରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସାମଲ, ପର୍ଶୁରାମ ବିଶି, ଫାର୍ମାସିଷ୍ଟ ରାଜେନ୍ଦ୍ର ସାହୁ, ମୁଖ୍ୟବକ୍ତା ପୂର୍ବତନ ଜିଲାପରିଷଦ ସଦସ୍ୟ ନୃସିଂହ ବରାଳ, ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ହେମାଳିନୀ ଜେନା ଯୋଗ ଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ ଉନ୍ନୟନ ବିକାଶ, ପରିବେଶ, ସ୍ୱଚ୍ଛତା, ନାରୀ ସଶକ୍ତୀକରଣ ଆଦି ଉପରେ ଆଲୋଚନା କରିଥିଲେ। କ୍ଲବର ସଦସ୍ୟମାନେ ନିଜକୁ ସମାଜସେବାରେ ସାମିଲ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ।

## ଡାଇଭର୍ସନ ରାସ୍ତା ଧୋଇଗଲା

# ୪ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ

**ଢେଙ୍କାନାଳ ଅଫିସ, ୧୮।୮**

ଢେଙ୍କାନାଳ-ବଣସିଂହ ପୂର୍ତ୍ତ ବିଭାଗ ରାସ୍ତାର ଖମାର ନିକଟରେ ପ୍ରବାହିତ ଧୋବଣିଗାଡ଼ିଆ ନାଳ ଉପରେ ନିର୍ମାଣାଧୀନ ପୋଲ ସଂଲଗ୍ନ ଡାଇଭର୍ସନ ରାସ୍ତା ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ ଜିଲା ସଦର ମହକୁମାଠାରୁ ୪ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଶନିବାର ରାତିରେ ପ୍ରବଳ ବର୍ଷା ଯୋଗୁ ନାଳର ଜଳସ୍ତର ବୃଦ୍ଧି ପାଇଥିଲା। ବର୍ଷାପାଣି ନାଳରୁ ଉଛୁଳି ଡାଇଭର୍ସନ ରାସ୍ତା ଉପର ଦେଇ ପ୍ରବାହିତ ହୋଇଥିଲା। ରବିବାର ସକାଳୁ ସ୍ରୋତ ଆହୁରି ତୀବ୍ର ହୋଇଥିଲା। ଫଳରେ ଉକ୍ତ ଡାଇଭର୍ସନ ରାସ୍ତା ଧୋଇଯାଇଛି। ଏହାପରେ ବଣସିଂହ, ରାଧାଦେଇପୁର, ଚାଉଳିଆ, ସୋଗରପଶି ଏବଂ ଗଁଦିଆ ବ୍ଲକର କାଲୁରିଆ ପଞ୍ଚାୟତର ଲୋକେ ଜିଲା ସଦର ମହକୁମାକୁ ଆସିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ନିକଟରେ ଥିବା କେନାଲ ହୁଡ଼ା ଏବଂ ଯୋରନ୍ଦା ଦେଇ ଆସୁଛନ୍ତି, ଯାହା ସେମାନଙ୍କ ଲାଗି ବ୍ୟୟବହୁଳ ହୋଇଛି। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ପୂର୍ବରୁ ପୂର୍ତ୍ତ ବିଭାଗ ଦ୍ୱାରା ଢେଙ୍କାନାଳ-ବଣସିଂହ ରାସ୍ତାର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତୁରନ୍ତ ଡାଇଭର୍ସନ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ନିର୍ମାଣାଧୀନ ପୋଲର ଡାଇଭର୍ସନ ଧୋଇ ହୋଇଯାଇଛି।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୧୮।୮**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସାଗର ସାହିତ୍ୟ ସଂସଦ ପକ୍ଷରୁ ଗୁରୁବାର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଶ୍ରୀବତ୍ସ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରାଜକିଶୋର ରାଉତ, ମୁଖ୍ୟବକ୍ତା କବି ପ୍ରଫୁଲ୍ଲ ଜେନା, ସମ୍ମାନିତ ଅତିଥି ଉତ୍କଳ ଆଜବେଷ୍ଟସ୍‌ର ମ୍ୟାନେଜର ରଘୁନାଥ ସିଂ, ଶିକ୍ଷକ ଅରୁଣ କୁମାର ସାହୁ ମଞ୍ଚାସୀନ ଥିଲେ। ଗୁଣ୍ଡିଚାପଡ଼ା ହାଇସ୍କୁଲର ରୁକ୍‌ସାନା ବେଗମ, ଶିବାନୀ ସାହୁ, ଦ୍ୱିତୀମଞ୍ଜରୀ ସାହୁ, ଆୟଶା ଅଜମତ୍, ଅର୍ପିତା ସାହୁ ଏବଂ ଇନ୍ଦିପୁର ଶିଶୁମନ୍ଦିରର ଦିଶାଶ୍ରୀ ମହାରଣାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ କବି ଦୟାନିଧି ସାହୁ, ଡମ୍ବରୁଧର ସାହୁ ସଂଯୋଜନା କରିଥିଲେ। ସମ୍ପାଦକ ତ୍ରିଲୋଚନ ମହାରଣା, ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଥପ୍ରାନ୍ତ ନାଟକରେ ହାତୀ ସୁରକ୍ଷା ସଚେତନତା




**ଢେଙ୍କାନାଳ ଅଫିସ, ୧୮।୮**

ଭାରତୀୟ ବନ୍ୟପ୍ରାଣୀ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ହାତୀ ଦିବସ ଉପଲକ୍ଷେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ହାତୀ ଚଲାପଥ ଅଞ୍ଚଳରେ ଥିବା ମକୁଆକାଟେଣୀ, ଗୋବିନ୍ଦପୁର, ଜିରାଳ, ମାଛିଆ, ରାଧାଦେଇପୁର ଗ୍ରାମରେ ନାଟକ ମାଧ୍ୟମରେ କଳାକାରମାନେ ହାତୀ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

ହାତୀ ଚଲାପଥ ସୁରକ୍ଷା, ହାତୀ-ମଣିଷ ମଧ୍ୟରେ ହେଉଥିବା ସଂଘର୍ଷର କାରଣ, ନିରାକରଣ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା। ସିସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ଦ୍ଦେଶକ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ସନ୍ତୋଷ କୁମାର ମହାରଣା, ଦୀପକ, ଶିବସୁନ୍ଦର, ସିଦ୍ଧାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବିଭୁଦାନନ୍ଦ ମିଶ୍ର, ଅଁଳାବେରଣୀ ବନପାଳ ଚିନ୍ମୟ ସାହୁ, ଜିରାଳ ବିଟ୍‌ହାଉସ ବନରକ୍ଷୀ ବେଣୁଧର ସାହୁ, ମଠକରଗୋଳା ଫରେଷ୍ଟ ସେକ୍ସନ ବନପାଳ ଗୋବର୍ଦ୍ଧନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆଶୁତୋଷ ପାଢ଼ୀ, ଅଜିତ ପାଳ, ଶ୍ରୀବତ୍ସ ନାୟକ, ବିଶ୍ୱଜିତ୍ ଦାସ, ସିପୁନ ଭୂତିଆ, ସରସ୍ୱତୀ ବେହେରା, ସ୍ମୃତିସ୍ମିତା ଛୋଟରାୟ, ବିଶ୍ୱଜିତ ସାହୁ ପ୍ରମୁଖ ନାଟକ ପରିବେଷଣ କରିଥିଲେ।

## ଜାଗା ବିବାଦରୁ ଗଣ୍ଡଗୋଳ, ୭ ଆହତ

**ପବିତ୍ରନଗର,୧୮।୮(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ବିରୁ ଗ୍ରାମରେ ରବିବାର ଜାଗାବାଡ଼ି ବିବାଦକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷର ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଛି।

ପୋଲିସ କହିଛି, ବିରୁ ଗ୍ରାମର ମୁରଲୀଧର ସାହୁ ଓ ପୁଅ ପଞ୍ଚାନନ ସାହୁ ତାଙ୍କ ଘର ଗଛ ପାଖରେ ଏକ ଜାଗାକୁ ବାଡ଼ ଦେବାକୁ ଯାଉଥିବାବେଳେ ନିକଟରେ ଥିବା ନାଏକ ସାହିର କିଛି ଲୋକ ଆସି ଏହାର ପ୍ରତିବାଦ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ମୁରଲୀ ସାହୁଙ୍କ ସାନ ଭାଇ ତ୍ରିଲୋଚନ ସାହୁଙ୍କ ବୋହୂ ସୁଭଦ୍ରା, ପଞ୍ଚାନନ ସାହୁ, ବ୍ରହ୍ମାନନ୍ଦ ନାଏକ, ପ୍ରଭା ନାଏକ, ନିତ୍ୟାନନ୍ଦ ନାଏକ, ଧରମା ନାଏକ, ଅରୂପା ନାଏକ ପ୍ରମୁଖ ଆହତ ହୋଇଥିଲେ। ଏ ନେଇ ନଂ. ୧୦୮ ଓ ୧୦୯/୧୯ରେ ମାମଲା ରୁଜୁ ହୋଇଥିବା ସମଲ ଥାନା ଭାରପ୍ରାପ୍ତ ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆ କହିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ।

**ଢେଙ୍କାନାଳ ଅଫିସ, ୧୮।୮**

ଢେଙ୍କାନାଳ ମୁକ୍ତାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ଦାସଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଇଓ ନିତ୍ୟାନନ୍ଦ ବାରିକ, ଏବିଇଓ ମଧୁସୂଦନ କ୍ଷେଣ୍ଟ ଅଦ୍ୱୈତ ସାମଲ, ଭଗବାନ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ସାମନ୍ତ, ସାବିତ୍ରୀ ଶତପଥୀ, ସମନ୍ୱୟ କମିଟି ସଭାପତି ଗୋଲାପମଣି ସାହୁ, ସିଆର୍‌ସିସି ସୁବାସିନୀ ମିଶ୍ର, ସଂଯୁକ୍ତା ହୋତା, ପ୍ରଭାତୀ ବେହେରା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ଦେହୁରୀ, ମମତା ପାଣି ସ୍ୱରଚିତ କବିତା ପାଠ କରିଥିଲେ। ସଦର ବ୍ଲକ ଶିକ୍ଷକ ସମନ୍ୱୟ କମିଟି ସାଧାରଣ ସମ୍ପାଦକ ପ୍ରଶାନ୍ତ ପଣ୍ଡା, ଅସିତ୍ ମିଶ୍ର, ଆଦିତ୍ୟ କବିଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକୀର୍ତ୍ତନରେ ମହିଳା ସଶକ୍ତୀକରଣ ବାର୍ତ୍ତା

**ଢେଙ୍କାନାଳ ଅଫିସ, ୧୮।୮**

କାମାକ୍ଷାନଗର ବ୍ଲକ ବୁଢ଼ୀବିଲି ଏବଂ ଭଏରପୁର ପଞ୍ଚାୟତରେ ମହିଳା ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ଶୁକ୍ରବାର ସ୍ୱଚ୍ଛ ଭାରତ ଏବଂ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ଆନୁକୂଲ୍ୟରେ ବୁଢ଼ୀବିଲି ଗ୍ରାମ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିଷଦର ରାଜ୍ୟ ସଭାପତି ରବିନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରଶ୍ମିତା ସାହୁ, ମୁଖ୍ୟବକ୍ତା ସାଧାରଣ ସମ୍ପାଦକ ଶିବପ୍ରସାଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସହସମ୍ପାଦକ ବ୍ରଜବନ୍ଧୁ ଛତାର, କୋଷାଧ୍ୟକ୍ଷ ସୁବାସ ମହାନ୍ତି, ଚିଣ୍ଟୁ ମହାନ୍ତି, ରାଜ୍ୟ ଉପସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ପ୍ରଭାକର ରାଉଳ, ରାଜ୍ୟ ମହିଳା କମିଟି ଉପସଭାନେତ୍ରୀ ସସ୍ମିତା ବେହେରା, ସଦସ୍ୟ ସରୋଜିନୀ ବେହେରା, ଦୁଃଖବନ୍ଧୁ ବେହେରା, ଧ୍ରୁବାନନ୍ଦ ନାୟକ, ସାରଙ୍ଗଧର ରାଜ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱ କଲ୍ୟାଣ ନାମ ସଂକୀର୍ତ୍ତନ, ବେଢ଼ା ପରିକ୍ରମା ଏବଂ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## 'ସାହିତ୍ୟ-ନାରୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ'



ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ପରଜଙ୍ଗ, ୧୮।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ କଲେଜର ଯୁକ୍ତ ୩ ଓଡ଼ିଆ ବିଭାଗ ଛାତ୍ରୀଛାତ୍ରଙ୍କୁ ନେଇ 'ଲୋକ ସାହିତ୍ୟରେ ନାରୀର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସେମିନାର ସମ୍ପାଦିକା ବନସ୍ମିତା ନାୟକ ଏବଂ ସହସମ୍ପାଦକ ସୁନୀଲ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ସନାତନ ସାମଲ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ।

ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଆଲୋଚନାରେ ଭାଗ ନେଇ କହିଲେ, ସାହିତ୍ୟ-ନାରୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବୈଦିକ ଯୁଗରୁ ଆରମ୍ଭ କରି ଆଧୁନିକ ସମୟ ଯାଏ ନାରୀକୁ ନେଇ ସାହିତ୍ୟିକମାନେ ଲେଖନୀ ଚାଳନା କରି ଆସିଛନ୍ତି। ସେହିପରି ନାରୀକବିଙ୍କ ସାହିତ୍ୟିକ ବିଭବ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଆସିଛି। ସେହିପରି ଲୋକସାହିତ୍ୟରେ ମଧ୍ୟ ଏହା ପ୍ରତିଫଳିତ ହୋଇଥିବା ସେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ବରିଷ୍ଠ ଇଂଲିଶ ଅଧ୍ୟାପକ ପ୍ରବୋଧ କୁମାର ରଥ ସମାଜରେ ନାରୀର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମହାରଣା, ଅଧ୍ୟାପିକା ପ୍ରାଚୀପ୍ରଭା ସାଏନ୍ତ, ଦେବୀକୃପା ଦଳବେହେରା ଅଭିଭାଷଣ ପ୍ରଦାନ କରିଥିଲେ। ଯୁକ୍ତ ୩ ଓଡ଼ିଆ ବିଭାଗର ଛାତ୍ରୀଛାତ୍ରମାନେ ନିବନ୍ଧ ଉପସ୍ଥାପନ କରିଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ